**Series : HGFE1**

**SET ~ 4**

**Q.P. Code 14**

**Roll No.**

Candidates must write the Q.P. Code on the title page of the answer-book.

**ଟିପ୍ପଣୀ / NOTE :**

(I) ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
Please check that this question paper contains **11** printed pages.

(II) ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
Q.P. Code given on the right hand side of the question paper should be written on the title page of the answer-book by the candidate.

(III) ପ୍ରଶ୍ନପତ୍ରଟି **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
Please check that this question paper contains **14** questions.

(IV) **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
**Please write down the Serial Number of the question in the answer-book at the given place before attempting it.**

(V) ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the candidates will read the question paper only and will not write any answer on the answer-book during this period.

#

# ଓଡ଼ିଆ

# ODIA

*ସମୟ : **3** ଘଣ୍ଟା*

*Time allowed : **3** hours*

*ପୂର୍ଣ୍ଣ ସଂଖ୍ୟା : **80***

*Maximum Marks : **80***

***General Instructions :***

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

***ସାଧାରଣ ନିର୍ଦ୍ଦେଶାବଳୀ :***

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ 14ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1** ପ୍ରଶ୍ନ ସଂଖ୍ୟା **1** ରହିଛି ।*
- ***ସେକ୍ସନ ବି (Section B) : 2** ପ୍ରଶ୍ନ ସଂଖ୍ୟା **2 ରୁ 3** ରହିଛି ।*
- ***ସେକ୍ସନ ସି (Section C) : 4** ପ୍ରଶ୍ନ ସଂଖ୍ୟା **4 ରୁ 7** ରହିଛି ।*
- ***ସେକ୍ସନ ଡି (Section D) : 7** ପ୍ରଶ୍ନ ସଂଖ୍ୟା **8 ରୁ 14** ରହିଛି ।*

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ସବୁବେଳେ ସମୟ ବା ପରିସ୍ଥିତି ଅନୁକୂଳ ନ ଥାଏ । ବେଳେବେଳେ ପ୍ରତିକୂଳ ପରିସ୍ଥିତି ହଠାତ୍ ଆସି ପହଞ୍ଚଯାଏ ଓ ଆମକୁ ବିବ୍ରତ କରିଥାଏ । ସେଥିପାଇଁ ଆମେ ପୂର୍ବରୁ ପ୍ରସ୍ତୁତ ହୋଇ ରହିବା ଉଚିତ । ବିପଦଆପଦ ବେଳେ କାହା ପାଖରେ ହାତ ପତାଇବା ଅପେକ୍ଷା ନିଜ ଧୈର୍ଯ୍ୟର ସହ ତାହାର ମୁକାବିଲା କରିବା ଭଲ । ପ୍ରତିକୂଳ ପରିସ୍ଥିତିରେ ହିଁ ମଣିଷର ଟାଣପଣ ପରୀକ୍ଷିତ ହୁଏ । ବିପଦର ଭୟ ଥିଲେ ବି ଯେଉଁମାନେ କାମରେ ଲାଗି ରହିଥାନ୍ତି, ସେମାନେ ଉତ୍ତମ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥାନ୍ତି । ବିପଦ ଭୟରେ ଯେଉଁମାନେ କର୍ମଛାଡ଼ି ପଳାୟନ କରନ୍ତି, ସେମାନଙ୍କୁ କେଉଁଠି ଉଚ୍ଚ ମର୍ଯ୍ୟାଦାମିଳେ ନାହିଁ । ଅନାଗତ ପରିସ୍ଥିତିର ମୁକାବିଲା

କରିବା ଲାଗି ଆମେ ପ୍ରଥମେ ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ସଜାଡ଼ିନେବା ବାଞ୍ଛନୀୟ । ବୁଦ୍ଧିମାନଲୋକଙ୍କ ଆଖିରେ ଆଗାମୀକାଲିର ବିପଦଗୁଡ଼ିକ ଜଳଜଳ ହୋଇ ଦିଶିଯାଏ । ସେସବୁର ଠିକଣା ମୁକାବିଲା ଲାଗି ସେମାନେ ବୀରଯୋଦ୍ଧା ପରି ଅପେକ୍ଷା କରି ରହିଥାନ୍ତି । ବୀରଯୋଦ୍ଧାର ସର୍ବପ୍ରଥମ ଆଦର୍ଶ ହେଲା ଆପଣା ପ୍ରତି ସଚ୍ଚୋଟତା ଓ ଆପଣା ଅନ୍ତରର ଆଦେଶ ଶ୍ରବଣ । ସମୟ, ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ଆନୁଷଙ୍ଗିକ ଅବସ୍ଥାପ୍ରତି ଉନ୍ମୁଖ ରହିଲେ ହିଁ ଆମେ ପ୍ରତିଟି ଘଟଣାକ୍ରମର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିପାରିବା । ଏଥିସହିତ ଉଚିତ ନିଷ୍ପତ୍ତି ନେଇ ଉପଯୁକ୍ତ କର୍ମପନ୍ଥା ଆଦରିନେବାରେ ସଫଳ ହୋଇପାରିବା ।

(i) ବୀରଯୋଦ୍ଧାର ସର୍ବପ୍ରଥମ ଆଦର୍ଶ କ'ଣ ?

(ii) ମଣିଷର ଟାଣପଣ କେତେବେଳେ ପରୀକ୍ଷିତ ହୁଏ ?

(iii) ବୁଦ୍ଧିମାନଲୋକଙ୍କ ଆଖିରେ କେଉଁ କଥାଟି ଦିଶିଯାଏ ?

(iv) ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ଆମେ ସଜାଡ଼ିନେବା କାହିଁକି ?

(v) କିଏ ହଠାତ୍ ଆସି ପହଞ୍ଚି ଆମକୁ ବିବ୍ରତ କରେ ?

## SECTION B

## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) କ୍ରୀଡ଼ା ଓ ବିଶ୍ୱଶାନ୍ତି

(ii) ଜାତୀୟ ସମ୍ପତ୍ତିର ସୁରକ୍ଷା

(iii) ମାନବସେବାରେ ବିଜ୍ଞାନ

**3.** (a) 'ସାଧାରଣତନ୍ତ୍ର ଦିବସ ପାଳନର ମହତ୍ତ୍ୱ' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *6*

**କିମ୍ବା (OR)**

(b) 'ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା' ଶୀର୍ଷକ ତୁମ ଲିଖିତ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । (ବି.ଦ୍ର. – ନିଜର ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ । )

## SECTION C

## ସେକ୍ସନ ସି

**4.** ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ***ଗୋଟିଏ*** ଛନ୍ଦକୁ ବୁଝାଇ ଲେଖ । *1×4=4*

(i) ଭାଗବତବାଣୀ

(ii) ରାମକେରୀ

**5.** ସୂଚ଼ନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି ***2*** ଟିର) *2×1=2*

(i) ଝଡ଼ କମିଯିବା ପରେ ପିଲାମାନେ ନିଜନିଜ ଘରକୁ ଫେରିଆସିଲେ । (ଯୌଗିକବାକ୍ୟ କର)

(ii) ଯୋଗେଶବାବୁ ମିଛ କହି ନିନ୍ଦିତ ହେଲେ । (ଜଟିଳବାକ୍ୟ କର)

(iii) ସନ୍ଧ୍ୟା ସାତଟାବେଳକୁ ଆମର ସଭା ହେବ ଓ ଆପଣ ସେଠାକୁ ନିଶ୍ଚୟ ଆସିବେ । (ସରଳବାକ୍ୟ କର)

**6.** ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (ଯେକୌଣସି ***2*** ଟିର) *2×1=2*

(i) କୁହୁଡ଼ି ପହଁରିବା

(ii) ଅଲଣାକଥା

(iii) ଖୁଣ୍ଟଟା ପରି ଠିଆହେବା

**7.** ଶୁଦ୍ଧପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି ***2*** ଟିର) *2×1=2*

(i) ଆବିସ୍କାର

(ii) ପୌରହିତ୍ୟ

(iii) ଦ୍ୱନ୍ଦ

## SECTION D

## ସେକ୍ସନ ଡି

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି *1* ଟିର) *1×5=5*

(i) ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରିମୁଁ ଭାସିଗଲିଛି ।

(ii) ଦରିଦ୍ର ନାରାୟଣଙ୍କ ସେବାହିଁ ସନ୍ୟାସୀର ଯଥାର୍ଥ ବ୍ରତ ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟିତ୍ରୀ କହିବାର କାରଣ କ'ଣ ?

(ii) ବିଜ୍ଞାନର ଅନ୍ଧକାରସ୍ଥାନଟି ଅପସାରିତ ହେଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?

(iii) ଦେଶଭକ୍ତ ବୋଲି କାହାକୁ କୁହାଯାଇପାରିବ ନାହିଁ ?

(iv) କେଉଁମାନଙ୍କୁ 'ରିଙ୍ଗଲିଡ଼ର୍' କୁହାଯାଉଥିଲା ?

(v) ମହାନକର୍ମ କିଏ ସଂପାଦନ କରିଥାନ୍ତି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) କୃଷ୍ଣଙ୍କ ଅନୁପସ୍ଥିତିରେ କିଏ ଶଶିକଳା ପରି ଦୀନା ଓ କ୍ଷୀଣା ହୋଇଗଲେ ?

(A) ଯଶୋଦା

(B) ଦେବକୀ

(C) ରାଧା

(D) ଅଷ୍ଟପାଟବଂଶୀ

(ii) ଗ୍ରାମର ନବଯୁବକମାନେ ଆନତ କୃଷ୍ଣଚୂଡ଼ାରେ କ'ଣ ଦେଖନ୍ତି ?

(A) ବିଦ୍ରୋହର ବହ୍ନି

(B) ଅନାଗତଯୁଗର ରକ୍ତକେତନ

(C) ଆହବର ରକ୍ତ

(D) ମୈତ୍ରୀର ଧ୍ୱଜା

(iii) ଆଧ୍ୟାତ୍ମିକତା କାହାର ବୈଶିଷ୍ଟ୍ୟ ?

(A) ଭାରତ

(B) ମିଶରୀୟ ସଭ୍ୟତା

(C) ରୋମୀୟ ଓ ଗ୍ରୀସୀୟ ସଭ୍ୟତା

(D) ପାଶ୍ଚାତ୍ୟ ରାଷ୍ଟ୍ରସମୂହ

(iv) ଜଡ଼ବିଜ୍ଞାନ ମୂଳରେ ଆମ୍ଭମାନଙ୍କର କେଉଁ ଶାସ୍ତ୍ର ନିହିତ ?

(A) ପଦାର୍ଥବିଜ୍ଞାନ

(B) ରସାୟନବିଜ୍ଞାନ

(C) ଗଣିତ

(D) ଦର୍ଶନ

(v) ବିଭିନ୍ନ ଯୁଗରେ ଜାତିମାନଙ୍କର ସଭ୍ୟତାର ଆଦର୍ଶ କ'ଣ ଥିଲା ?

(A) ଅଭିନ୍ନ

(B) ଭିନ୍ନଭିନ୍ନ

(C) ଉଭୟ ଭିନ୍ନ ଓ ଅଭିନ୍ନ

(D) ଭୋଗବିଳାସ

(vi) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ ?

(A) ଗଙ୍ଗାରୁ ଗୋଦାବରୀ

(B) ବିଗ୍ରହ ଆଲୋଚନା

(C) ମଣିଷର ଭାଷା

(D) ଓଡ଼ିଆ କେବେ

(vii) ସବୁଶିକ୍ଷାର ମୂଳମନ୍ତ୍ର କ'ଣ ?

(A) ଇଂରେଜିଶିକ୍ଷା

(B) ଗଣତନ୍ତ୍ର

(C) ମାତୃଭାଷାଶିକ୍ଷା

(D) ଉଚ୍ଚତରଶିକ୍ଷା

(viii) ବିଦେଶୀ ମାଧ୍ୟମର ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ପ୍ରଥମେ କିଏ ପ୍ରୟାସ କରିଥିଲେ ?

(A) ରବୀନ୍ଦ୍ରନାଥ

(B) ଗାନ୍ଧିଜୀ

(C) ବିଦେଶୀ ସରକାର

(D) ସ୍ଥାନୀୟ ଜନତା

(ix) 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' – ଏହି ଉକ୍ତିଟି ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?

(A) ଶ୍ରୀରାମକୃଷ୍ଣ

(B) ରାମକୃଷ୍ଣାନନ୍ଦ

(C) ମାର୍କସ୍‌ଙ୍କ ଅନୁଗାମୀ

(D) ଶୁକଦେବ

(x) ସାର୍ ଓୟାଦିଆର୍ ବାହାଦୂର କେଉଁଠିକାର ମହାରାଜା ଥିଲେ ?

(A) କ୍ଷେତରୀ

(B) କୋଲାପୁର

(C) ମହୀଶୂର

(D) ରାଜୋୟାରା

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ***1*** ଟିର) *1×5=5*

(i) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

(ii) ମରଣ ଦୁଆରେ ଚରଣଅରପି
ଗାଅରେ ଅମରଗାନ
ପୋଛିଦିଅ ଆଜି ମାନବଶିରମୁଁ
ସଂଚିତ ଅପମାନ ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ***3*** ଟିର) *3×2=6*

(i) ପର୍ବତମାଳାଗୁଡ଼ିକ ଉତ୍କଳଜନନୀଙ୍କ ଦେହରେ କିଭଳି ଭାବେ ଶୋଭାପାଉଛି ?

(ii) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

(iii) ପୋତପାଳ ମଶାଲ ଜାଳିଛି କାହିଁକି ?

(iv) ମର୍ତ୍ତ୍ୟଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?

(v) ବଣପକ୍ଷୀର ଡାକ ଶୁଣି ଦେହରେ କି ଭାବ ସୃଷ୍ଟି ହୁଏ ?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) ଉତ୍କଳର ସମୁଦ୍ରକୂଳ କେଉଁ କେଉଁ ବୃକ୍ଷ ଦ୍ୱାରା ସୁଶୋଭିତ ?

(A) ତାଳ ଓ ନଡ଼ିଆ

(B) ତାଳ ଓ ତମାଳ

(C) ତମାଳ ଓ ନଡ଼ିଆ

(D) ତମାଳ ଓ ଗୁଆ

(ii) ଶୂଳଧର କିଏ ?

(A) ସହଦେବ

(B) ଶ୍ରୀକୃଷ୍ଣ

(C) ଶିବ

(D) ଦୁର୍ଯ୍ୟୋଧନ

(iii) 'ଶଙ୍ଖ' କହିଲେ କେଉଁ ସଂଖ୍ୟାକୁ ବୁଝାଏ ?

(A) ଏକଲକ୍ଷ

(B) ଏକକୋଟି

(C) ଏକହଜାରକୋଟି

(D) ଏକଲକ୍ଷକୋଟି

(iv) ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ-ଏକଥା କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(A) କବିସୂର୍ଯ୍ୟ ବଳଦେବ ରଥ

(B) କବିବର ରାଧାନାଥ ରାୟ

(C) ଭକ୍ତକବି ମଧୁସୂଦନ ରାଓ

(D) ସ୍ୱଭାବକବି ଗଙ୍ଗାଧର ମେହେର

(v) 'ମଙ୍ଗଳେ ଅଇଲା ଉଷା' କେଉଁ କାବ୍ୟର ଅଂଶବିଶେଷ ?

(A) ଇନ୍ଦୁମତୀ

(B) ତପସ୍ୱିନୀ

(C) ପ୍ରଣୟବଲ୍ଲରୀ

(D) ଅର୍ଘ୍ୟଥାଳୀ

(vi) ମରୁ ପଥେ ପଥେ କ'ଣ ସୃଷ୍ଟି କରିବାକୁ କବି ଆହ୍ୱାନ ଦେଇଛନ୍ତି ?

(A) ପୁଷ୍କରିଣୀ

(B) ବିଶ୍ରାମାଗାର

(C) ମରୁଦ୍ୟାନ

(D) ନିର୍ଝର

(vii) ମାଟିମାଆର ଦିହ କିପରି ବୋଲି କବିତାରେ କୁହାଯାଇଛି ?

(A) ପାହାଡ଼ପଥର

(B) କଅଁଳପତର

(C) ସମତଳଭୂମି

(D) କଅଁଳ ବିଛଣା

(viii) 'ପନ୍ନଗନାରାୟଣ' କିଏ ?

(A) ଶ୍ରୀକୃଷ୍ଣ

(B) ଶିବ

(C) ଜଗନ୍ନାଥ

(D) ଦୁର୍ଯ୍ୟୋଧନ

(ix) ପାପଗର୍ଭରେ କିଏ ପଡ଼ିଯାଏ ?

(A) ମୀନଜୀବୀ

(B) ଅଜ୍ଞାନ

(C) ପାପମୂର୍ତ୍ତି

(D) ନିଶୀଥିନୀ

(x) ମାଟିମାଆ ଆମ ଦୋଷକୁ କାହିଁକି କ୍ଷମା କରିଛି ?

(A) ଅସହାୟା ବୋଲି

(B) ଦେଖିପାରିନାହିଁ ବୋଲି

(C) ନିଜଛୁଆ ବୋଲି

(D) ଜୟଗାନ ଶୁଣିବ ବୋଲି

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ***6*** ଟିର) *6×1=6*

(i) କାହାପାଦରେ ଚେନାଗ୍ରେପରା କାଠସବୁ ଫୁଟିଯିବ ବୋଲି ଲେଖକ କହିଲେ ?

(ii) କଳିଙ୍ଗ ଯୁଦ୍ଧ କେତେ ମାସ ଲାଗିଥିଲା ?

(iii) ଅଶୋକ କେଉଁ ମନ୍ତ୍ରରେ ଦୀକ୍ଷିତ ହେଲେ ?

(iv) ବଉଳଗଛ ଛାଇରେ କିଏ ଭାଗବତ ପଢୁଥିଲେ ?

(v) ହରିଚନ୍ଦନପୁର ଗାଁମୁଣ୍ଡ ପୋଖରୀହୁଡ଼ାରେ କେତେଟା ତାଳଗଛ ଠିଆ ହୋଇଛି ?

(vi) ମାଡ୍ରାସରୁ ରାଉରକେଲା ମହାପାତ୍ର ସାଧାରଣତଃ କେଉଁଥିରେ ଯାଆନ୍ତି ?

(vii) ସୁବ୍ରତ କି ଚାକିରି କରନ୍ତି ?

(viii) ରାଜା ମନ୍ଦିରତୋଳା ଦାୟିତ୍ୱ କାହା ଉପରେ ଅର୍ପଣ କଲେ ?